# India-U.S. Consular Dialogue (December 13, 2021)

December 14, 2021

## ଭାରତ-ଆମେରିକା ମଧ୍ୟରେ କନସୁଲାର ଆଲୋଚନା (13 ଡିସେମ୍ବର 2021)

**ଡିସେମ୍ବର 14, 2021**

13 ଡିସେମ୍ବର 2021 ରେ ବାର୍ଷିକ ଦ୍ୱିପାକ୍ଷିକ କନସୁଲାର ଆଲୋଚନା ପାଇଁ ଭାରତ ଓ ଆମେରିକାର ପ୍ରତିନିଧୀମାନେ ନୂଆଦିଲ୍ଲୀରେ ଭେଟିଥିଲେ। ଯୁଗ୍ମ ସଚିବ (ସିପିଭି) ଶ୍ରୀ ଦେବେଶ ଉତ୍ତମଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧୀ ଦଳ ଆମେରିକାର କନସୁଲାର ବ୍ୟାପାର ବିଭାଗର ସହକାରୀ ରାଷ୍ଟ୍ର ସଚିବ ଶ୍ରୀମତୀ ରେନା ବିଟରଙ୍କ ନେତୃତ୍ୱରେ ଆମେରିକାର ପ୍ରତିନିଧୀ ଦଳ ସହ ସାକ୍ଷାତ କରିଥିଲେ। ଏହି ଆଲୋଚନା ଆମର ଦୃଢ ଦ୍ୱିପାକ୍ଷିକ ସମ୍ପର୍କକୁ ସୁନିଶ୍ଚିତ କରିଥିଲା ଏବଂ କୋଭିଡ-19 ମହାମାରୀ ସତ୍ତ୍ୱେ ନିରାପଦ ତଥା ଦାୟିତ୍ୱପୂର୍ଣ୍ଣ ଯାତ୍ରା ସୁନିଶ୍ଚିତ କରିବାକୁ ଉଭୟ ଦେଶ ଦ୍ୱାରା କରାଯାଇଥିବା ପ୍ରୟାସକୁ ଉଲ୍ଲେଖ କରିଥିଲା।

କନସୁଲାର ସମସ୍ୟାର ଶୀଘ୍ର ସମାଧାନ ପାଇଁ ସହଯୋଗ, ଭିସା ସୁବିଧା ପ୍ରଦାନ, ପ୍ରତ୍ୟାର୍ପଣ ପ୍ରସଙ୍ଗ, ବିଦେଶୀ ନାଗରିକଙ୍କୁ କନସୁଲାର ସେବା ପ୍ରଦାନ, ଶିଶୁଙ୍କ ସୁରକ୍ଷା ସମ୍ବନ୍ଧୀୟ ପାରିବାରିକ ସମସ୍ୟା, ବିବାହ ଓ ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ଦୁଇ ଦେଶ ମଧ୍ୟରେ ଯାତ୍ରା ସୁବିଧା ସମେତ ପାରସ୍ପରିକ ଆଗ୍ରହର ବିଭିନ୍ନ କ୍ଷେତ୍ର ଉପରେ ଆଲୋଚନା ହୋଇଥିଲା।

**ନୂଆଦିଲ୍ଲୀ**

**ଡିସେମ୍ବର 13, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.